## ସଂକ୍ଷେପରେ

### ମହିଳା ମାଓବାଦୀଙ୍କୁ ଦୁର୍ବ୍ୟବହାର
## ମାଓବାଦୀଙ୍କୁ ହତ୍ୟାକଲେ ସାଥୀ

ମାଲକାନଗିର,୨୨।୬(ଦୁର୍ଯ୍ୟୋଧନ ପାତ୍ର)- ମାଲକାନଗିରି କାଙ୍କେର ଜିଲାର ମାଓବାଦୀ ପ୍ରଭାବିତ କୋଏଲିବେଡ଼ା ଅଞ୍ଚଳରେ ଜଣେ ମାଓବାଦୀଙ୍କୁ ଗଳା କାଟି ଅନ୍ୟ ମାଓବାଦୀ ସାଥୀମାନେ ହତ୍ୟା କରିଥିଲେ। ସୂଚନା ଅନୁଯାୟୀ, ମନୁ ଡୁଗା ନାମକ ପିଏଲ୍‌ଜିଏ ବାଟାଲିୟନ ୧୭ର ସଦସ୍ୟ। ତାଙ୍କ ନାମରେ ୫ ଲକ୍ଷ ଟଙ୍କା ପୁରସ୍କାର ମଧ ଘୋଷଣା କରାଯାଇଥିଲା। ସେ ଅନେକ ବଡ଼ ବଡ଼ ଘଟଣାରେ ସମ୍ପୃକ୍ତ ଥିଲେ। ସାଥୀ ମହିଳା ମାଓବାଦୀଙ୍କ ଉପରେ ତାଙ୍କର ଦୁର୍ବ୍ୟବହାର ସହ ଶାରୀରିକ ଶୋଷଣ କରିବା ନେଇ ମହିଳା ମାଓବାଦୀମାନେ ଆତଙ୍କିତ ଥିଲେ। ତେବେ ଏନେଇ ମନୁଙ୍କୁ ମାଓବାଦୀ ସଙ୍ଗଠନ ପକ୍ଷରୁ ଅନେକ ଥର ବୁଝାଇବା ପରେ ମଧ ସେ ନିଜର ଅଭ୍ୟାସରେ ପରିବର୍ତ୍ତନ କରି ନ ଥିଲେ। ତେଣୁ ତାଙ୍କୁ ହତ୍ୟା କରି ମୃତଦେହକୁ ମାଓବାଦୀମାନେ କୋଏଲିବେଡ଼ା ନିକଟ ଜଙ୍ଗଲରେ ଫିଙ୍ଗି ଦେଇଥିଲେ ବୋଲି ଏକ ପ୍ରେସ୍ ବିବୃତିରେ ମାଓବାଦୀମାନେ ଉଲ୍ଲେଖ କରିଛନ୍ତି ।

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ

କାଲିମେଳା, ୨୨।୬(ଜୀବନ କୃଷ୍ଣ ଦାସ)- ମାଲକାନଗିରି ଜିଲା କାଲିମେଳା ବ୍ଲକ କୋଇମେଟଲା ପଞ୍ଚାୟତ ଏମ୍‌ଭି ୬୭ ଗ୍ରାମର ଜଣେ ଯୁବକଙ୍କର ଗୁରୁବାର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ମୃତକ ଏମ୍‌ଭି ୬୭ ଗ୍ରାମର ତାପସ ହାଲଦାର (୩୭)। ତାପସ ଗୁରୁବାର ସନ୍ଧ୍ୟାରେ ଘରେ ଫ୍ୟାନ ଖରାପ ଥିବାରୁ ସେଠାକୁ ବିଦ୍ୟୁତ୍ ସଂଯୋଗ କରୁଥିବା ସମୟରେ ଅସାବଧାନତାବଶତଃ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯାଇଥିଲେ। ଫଳରେ ସେ ଚେତାଶୂନ୍ୟ ହୋଇ ତଳେ ପଡିଯାଇଥିଲେ। ପରିବାର ଲୋକ ତାଙ୍କୁ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଖବରଦାତାଙ୍କୁ ଆକ୍ରମଣ ବିରୋଧରେ ଥାନାରେ ଏତଲା

ଝରିଗାଁ,୨୨।୬(କିଶୋର ଚନ୍ଦ୍ର ମଣ୍ଡଳ) ପୁରୀରେ ରଥଯାତ୍ରା ସମୟରେ ନ୍ୟୁଜ୍ ୭ର କାର୍ଯ୍ୟରତ ୨ଜଣ ଖବରଦାତା ଚିତ୍ତରଞ୍ଜନ ମହାନ୍ତି ଓ ଚନ୍ଦ୍ରଶେଖର ପାତ୍ରଙ୍କୁ ୨ଜଣ ସେବାୟତ ମାଧବ ମହାପାତ୍ର ଓ ମାଧବ ପୂଜାପଣ୍ଡା ମରଣାନ୍ତକ ଆକ୍ରମଣ କରିବା ସହ ହତ୍ୟା ଧାମକ ଦେଇଛନ୍ତି। ଏଥିସହ ଚିତ୍ତରଞ୍ଜନ ପିନ୍ଧିଥିବା ସୁନା ଚେନ ମଧ ସେମାନେ ଟାଣି ନେଇଛନ୍ତି। ଏହି ଘଟଣାକୁ ତୀବ୍ର ନିନ୍ଦା କରି ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ସାମ୍ବାଦିକ ସଂଘ ଥାନାରେ ଏତଲା



ଦେଇଛନ୍ତି। ଖବରଦାତାଙ୍କୁ ଆକ୍ରମଣ କରିଥିବା ସେବାୟତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସଂଘ ଦାବି କରିଛି। ବାରମ୍ବାର ଖବରଦାତାଙ୍କ ଉପରେ ଆକ୍ରମଣ ହେଉଛି। ସରକାର ଏ ଦିଗରେ ସାମ୍ବାଦିକ ଆଇନ ପ୍ରଣୟନ କରିବାପାଇଁ ସଂଘ ଦାବି କରିଛି।

# ୫ ବର୍ଷ ହେବ ଅଧାପନ୍ତରିଆ ତର୍ଲାକୋଟା ପୋଲ

**ମାଲକାନଗିରି ଜିଲାର ଏଭଳି କେତେକ ସ୍ଥାନ ରହିଛି ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ ସେଠାକୁ ବିକାଶ ପହଞ୍ଚି ପାରିନାହିଁ। ଏବେ ବି ଅନ୍ଧାରରେ ଲୋକେ ରହୁଥିବା ବେଳେ ଫଳ ଏବଂ ଗଛ ଚେରକୁ ଔଷଧ ଭାବେ ବ୍ୟବହାରକରି ଦିନ କାଟୁଛନ୍ତି । ନଦୀରେ ସରକାର ପୋଲ ତିଆରି କରୁଥିଲେ ମଧ ତାହା ପୂର୍ଣ୍ଣାଙ୍ଗ ନ ହୋଇ ପଡ଼ି ରହିଛି। ବର୍ଷାଦିନେ ନଦୀ, ନାଳରେ ପଶି ଯାତାୟାତଠାରୁ ଆରମ୍ଭ କରି ବଣ ପାହାଡ଼ ମୂଳକରେ ଜୀବନ ବିତାଉଛନ୍ତି । ରାଜ୍ୟ ସରକାର ସେମାନଙ୍କ ଲାଗି ଯୋତେ ଯୋଜନା କଲେ ମଧ ତାହା ସେମାନଙ୍କ ପାଖରେ ପହଞ୍ଚିପାରୁ ନାହିଁ କିମ୍ବା କାର୍ଯ୍ୟକାରିତାରେ ବିଳମ୍ବ ହେଉଛି।**

- କାର୍ଯ୍ୟ ପୂର୍ଣ୍ଣାଙ୍ଗକୁ ନେଇ ପ୍ରଶ୍ନବାଚୀ
- ଦୁର୍ଦ୍ଦଶା ଭୋଗୁଛନ୍ତି ଅଞ୍ଚଳବାସୀ
- ନୀରବଦ୍ରଷ୍ଟା ବିଭାଗୀୟ କର୍ତ୍ତୃପକ୍ଷ, ପ୍ରଶାସନ

ବାଲିମେଳା,୨୨।୬(ଶିବଦତ୍ତ ସାହୁ)

ମାଲକାନଗିରି ଜିଲାର ବିଭିନ୍ନ ସ୍ଥାନରେ ନିର୍ମାଣାଧୀନ ଥିବା ପୋଲ କାର୍ଯ୍ୟ ଶେଷ ହେଉନାହିଁ। ଫଳରେ ଉକ୍ତ ଅଞ୍ଚଳରେ ବସବାସ କରୁଥିବା ଲୋକେ ବର୍ଷାଦିନେ ଯାତାୟାତରେ ବହୁ ଦୁର୍ଦ୍ଦଶା ଭୋଗୁଛନ୍ତି। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ବାଲିମେଳା ସହରକୁ ସଂଯୋଗ କରୁଥିବା ମୁଖ୍ୟ ରାଜ୍ୟ ରାଜପଥ ତଥା ଜିଲାର କୋରୁକୋଣ୍ଡା ବ୍ଲକ ତର୍ଲାକୋଟାଠାରେ। ୫ ବର୍ଷ ପୂର୍ବେ ତର୍ଲାକୋଟା ନଦୀ ଉପରେ ପ୍ରାୟ ୨ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ନୂତନ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ଏହି କାର୍ଯ୍ୟ କରିବା ପାଇଁ ଟେଣ୍ଡର ସରିବା ପରେ ଆନ୍ଧ୍ରପ୍ରଦେଶର ଆର୍‌ଆର୍ ଏଣ୍ଟରପ୍ରାଇଜେସ୍ ନାମକ ଏକ ଠିକା କମ୍ପାନୀକୁ କାର୍ଯ୍ୟାଦେଶ ଦିଆଯାଇ କାମ ଆରମ୍ଭ ହୋଇଥିଲା। କିନ୍ତୁ ବିଡ଼ମ୍ବନାର ବିଷୟ ଆଜକୁ ୫ ବର୍ଷ ବିତିଥିଲେ ମଧ ଏହି ପୋଲ ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହିଛି। ଫଳରେ ଲୋକେ ବର୍ଷାଦିନେ ଯାତାୟାତରେ ସମସ୍ୟା ଭୋଗୁଛନ୍ତି । ବର୍ଷା ହେଲେ ତର୍ଲାକୋଟାଠାରେ ଥିବା ବହୁ ପୁରାତନ ତଳୁଆ ପୋଲ ଉପରେ ପ୍ରାୟ ୫ ଫୁଟରୁ ଅଧିକ ଉଚ୍ଚତାରେ ବର୍ଷାଜଳ ପ୍ରବାହିତ ହୋଇଥାଏ । ଦୀର୍ଘ ବର୍ଷ ହେବ ଏହି ପୋଲରେ ବର୍ଷାଜଳ ମାଡ଼ ହେଉଥିବାରୁ



ଅଧାପନ୍ତରିଆ ପୋଲ ।

ପୋଲଟି କ୍ରମଶଃ ଦୁର୍ବଳ ହେବାରେ ଲାଗିଛି। ଏହି ପୋଲ ଦେଇ ଦୈନିକ ଜିଲାର ବିଭିନ୍ନ ଅଞ୍ଚଳକୁ ଅନେକ ଯାତ୍ରୀବାହୀ ବସ୍ ,ମାଲ୍ ବୋଝେଇ ଟ୍ରକ୍, ପିଡିଏସ୍ ସାମଗ୍ରୀଠାରୁ ଆରମ୍ଭକରି ବିଭିନ୍ନ ଖାଦ୍ୟ ସାମଗ୍ରୀ ଟ୍ରକ୍ ଓ ଆମ୍ବୁଲାନ୍ସ ସମେତ ବିଭିନ୍ନ ଛୋଟ ବଡ଼ ଗାଡ଼ିମୋଟର ଯାତାୟାତ କରୁଛି। ବର୍ଷାଦିନେ ପୋଲ ଉପରେ ନଦୀପାଣି ପ୍ରବାହିତ ହେଉଥିବା ଯୋଗୁ ମାଲକାନଗିରିରୁ ବାଲିମେଳା, ଚିତ୍ରକୋଣ୍ଡା, କୁଡୁମୁଲୁଗୁମା ଏବଂ ଅନ୍ୟାନ୍ୟ ଅଞ୍ଚଳକୁ ଯୋଗାଯୋଗ ବାରମ୍ବାର ବିଚ୍ଛିନ୍ନ ହୋଇଥାଏ। ଏହି ପୋଲ ଉପରେ ପାଣି ବୁଡି ରହିବା ସମୟରେ ୨ ପାର୍ଶ୍ୱରେ ବହୁ ସଂଖ୍ୟାରେ ଯାନବାହନ ଓ ଯାତ୍ରୀ ଘଣ୍ଟା ଘଣ୍ଟା ଧରି ଅଟକି ରହିଥାନ୍ତି। ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହିଥିବା ଅର୍ଦ୍ଧ ନିର୍ମିତ ପୋଲ ନିର୍ମାଣ କାର୍ଯ୍ୟକୁ ତୁରନ୍ତ ଶେଷକରି ଏହାକୁ ଲୋକାର୍ପିତ କରିବା ପାଇଁ ରାଜନେତାଙ୍କଠାରୁ ଆରମ୍ଭ କରି ଅଞ୍ଚଳବାସୀଙ୍କ ପକ୍ଷରୁ ବହୁବାର ବିଭାଗୀୟ କର୍ତ୍ତୃପକ୍ଷ ଓ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଦାବିକରି ଆସୁଥିଲେ ମଧ ଅଦ୍ୟାବଧି କୌଣସି ସୁଫଳ ମିଳୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଯଦି ଚଳିତ ବର୍ଷ ଲଗାଣ ବର୍ଷା ଆରମ୍ଭ ହେବା ପୂର୍ବରୁ ଏହାର ନିର୍ମାଣ କାର୍ଯ୍ୟ ଶେଷ କରା ନ ଯାଏ, ତେବେ ଆଗାମୀ ଦିନରେ ପୁଣି ପୂର୍ବ ଭଳି ସମସ୍ୟା ଦେଖାଦେବ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି ।

ଏ ସମ୍ପର୍କରେ ନିର୍ମାଣ ଦାୟିତ୍ୱରେ ଥିବା ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ନୀହାର ରଞ୍ଜନ ବେହେରାଙ୍କୁ ପଚାରିବାରୁ ତର୍ଲାକୋଟା ନୂତନ ପୋଲ ନିର୍ମାଣ କାର୍ଯ୍ୟ ପ୍ରାୟ ୯୦ ପ୍ରତିଶତ ଶେଷ ହୋଇଛି। ଏହାର ଦୁଇ ପାର୍ଶ୍ୱରେ ଥିବା ଆପ୍ରୋଚ୍‌ରୋଡ୍‌ତିଆରି ଲାଗି ଜାଗା ସମସ୍ୟା ପାଇଁ କାମ ନ ହୋଇ ବନ୍ଦ ରହିଛି। ଆପ୍ରୋଚ୍ ରୋଡ୍ ପାଇଁ ଆବଶ୍ୟକ ହେଉଥିବା ଜମି ଓ ଜାଗାର ଏସ୍‌ସି କ୍ଲିଅରାନ୍ସ ଅନୁମୋଦନ ପାଇଁ ପଠାଯାଇଛି। ପ୍ରାୟ ୮ ଦିନ ପରେ କ୍ଲିଅରାନ୍ସ ଏବଂ ଆମକୁ ଜମି ହସ୍ତାନ୍ତର ହେବା ପରେ ତୁରନ୍ତ ଏହି କାର୍ଯ୍ୟ ଶେଷ କରାଯିବ ବୋଲି ସେ କହିଛନ୍ତି।

## ସୀମାନ୍ତରେ କନ୍‌ଷ୍ଟେବଲଙ୍କୁ ହତ୍ୟା କଲେ ମାଓବାଦୀ

ମାଲକାନଗିରି, ୨୨।୬(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ରାଜ୍ୟ ବିଜାପୁର ଜିଲାରେ ଜଣେ ସହକାରୀ କନ୍‌ଷ୍ଟେବଲଙ୍କୁ ଗୁରୁବାର ମାଓବାଦୀ ହତ୍ୟା କରିଛନ୍ତି। ସୂଚନା ଅନୁଯାୟୀ, ବିଜାପୁର ଜିଲା କୁଟ୍ରୁ ଥାନା ଅଞ୍ଚଳର ସଞ୍ଜୟ କୁମାର ବେଡଜା ଭଦ୍ରକାଳୀ ଥାନାରେ ସହକାରୀ କନ୍‌ଷ୍ଟେବଲ ଭାବେ କାର୍ଯ୍ୟ କରୁଥିଲେ। ଜୁନ ୧୧ ରୁ ଛୁଟି ନେଇ ସେ ଘରକୁ ଆସିଥିଲେ। ବିଜାପୁରଠାରେ କିଛି ଦିନ ରହିବା ପରେ ୧୯ ତାରିଖରେ ପରିବାର ଲୋକଙ୍କୁ ଭେଟିବା ପାଇଁ ପାତାକୁଟ୍ରୁ ଗାଁକୁ ଯାଇଥିଲେ। ସଞ୍ଜୟ ଗାଁକୁ ଯାଇଥିବା ମାଓବାଦୀମାନେ ସୂଚନା ପାଇ ରାତିରେ ତାଙ୍କ ଘରେ ପଶି ତାଙ୍କୁ ଜଙ୍ଗଲକୁ ନେଇଯାଇଥିଲେ। ସେଠାରେ ସଞ୍ଜୟଙ୍କ ଗଳା କାଟି ହତ୍ୟା କରିଥିଲେ। ଏହାପରେ ମୃତଦେହକୁ ବୁଧବାର ଗାଁ ନିକଟରେ ଫୋପାଡି ଦେଇ ପଳାଇ ଯାଇଥିଲେ। ଗୁରୁବାର ମୃତ ଦେହ ଦେଖିବା ପରେ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଏନେଇ କୁଟ୍ରୁ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ ଚଳାଇଛି।

## ନରନାରାୟଣ ଆଶ୍ରମକୁ ୨.୨୭ ଏକର ଜମି ପ୍ରଦାନ



୫-ଟି ସଚିବଙ୍କ ସହ ଭିଡିଓ କନ୍‌ଫରେନ୍ସରେ ଆଲୋଚନା କରୁଛନ୍ତି।

ପୋଟେରୁ, ୨୨।୬ (ସୌରଭ ମଣ୍ଡଳ)

୫-ଟି ସଚିବଙ୍କ କାର୍ଯ୍ୟାନୁଷ୍ଠାନ ଫଳରେ ପୋଟେରୁ ନରନାରାୟଣ ଆଶ୍ରମକୁ ଦୁଇଟି ପ୍ଲଟରେ ୨.୨୭ ଏକର ଜଙ୍ଗଲ ଜମିକୁ ସାର୍ବଜନୀନ ବ୍ୟବହାର ନିମନ୍ତେ ପ୍ରଦାନ ସହ ଆଶ୍ରମର ବିକାଶମୂଳକ କାର୍ଯ୍ୟ ପାଇଁ ୪୮ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏଥିଲାଗି ୫-ଟି ସଚିବ ଭି.କେ. ପାଣ୍ଡିୟାନଙ୍କୁ ଭିଡିଓ କନଫରେନ୍ସରେ କୃତଜ୍ଞତା ଜଣାଇଛନ୍ତି ଆଶ୍ରମ କର୍ତ୍ତୃପକ୍ଷ। ଆଶ୍ରମଟି ଜଙ୍ଗଲ ଜମିରେ ହୋଇଥିବାରୁ ଏଠାରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ସମ୍ଭବ ହୋଇପାରୁ ନ ଥିଲା, କିମ୍ବା

**ସରକାରଙ୍କୁ କୃତଜ୍ଞତା ଜଣାଇଲେ ଆଶ୍ରମ କର୍ତ୍ତୃପକ୍ଷ**

କୌଣସି ଅନୁଦାନ ମିଳୁ ନ ଥିଲା। ଗତ ମାର୍ଚ୍ଚରେ ୫-ଟି ସଚିବଙ୍କ ଗସ୍ତ ସମୟରେ ଆଶ୍ରମ କର୍ତ୍ତୃପକ୍ଷ ଏ ସମ୍ପର୍କରେ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ମଧ ଏ ସମ୍ପର୍କରେ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଇତି ମଧ୍ୟରେ ଜଙ୍ଗଲ ଅଧିକାର ଆଇନ ୨୦୦୬ର ଧାରା ୩/୨ଅନୁସାରେ ଏହି ଜମିକୁ କାଲିମେଳା ବିଡ଼ିଓଙ୍କ ମାର୍ଫତରେ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗକୁ ହସ୍ତାନ୍ତର କରାଯାଇଛି। ଏହା ସହିତ ଏଠାରେ ଏକ ଗୋଷ୍ଠୀ କେନ୍ଦ୍ର ସ୍ଥାପନ ସହ କାଲିମେଳା ବିଡିଓ ଏବଂ ଆଶ୍ରମର ପ୍ରାଧିକୃତ ଅଧିକାରୀ ଏକ ବୁଝାମଣା ପତ୍ର ଗତ ୧୬ ତାରିଖରେ ସ୍ୱାକ୍ଷର କରିଛନ୍ତି। ମାଲକାନଗିରି ଉପଜିଲାପାଳ ଅକ୍ଷୟ ଖେମୁଣ୍ଡୁ କହିଛନ୍ତି, ସ୍ଥାନୀୟ ନରନାରାୟଣ ଆଶ୍ରମର ବହୁ ଦିନର ସମସ୍ୟା ସମାଧାନ ହୋଇଛି। ଆଇନ ଭିତରେ ସମସ୍ତ କାର୍ଯ୍ୟ କରାଯାଇଛି। ଏହାଦ୍ୱାରା ଆଶ୍ରମ ଉନ୍ନୟନ ନିମନ୍ତେ ଭବିଷ୍ୟତରେ ଅନେକ କାର୍ଯ୍ୟ ହୋଇପାରିବ । ଅନ୍ୟପକ୍ଷରେ ଆଶ୍ରମର ଅନ୍ତେବାସୀ ଓ କର୍ତ୍ତୃପକ୍ଷ ଦୀର୍ଘ ୬ ଦଶନ୍ଧିର ସମସ୍ୟା ସମାଧାନ କରିବାରେ '୫-ଟି ସଚିବଙ୍କ ତତ୍ପରତାକୁ ପ୍ରଶଂସା କରିଛନ୍ତି।

## କାଳବୈଶାଖୀ ପ୍ରଭାବିତଙ୍କୁ ଭେଟିଲେ ତହସିଲଦାର

ଗୁଡ଼ାରି, ୨୨।୬ (ପ୍ରମୋଦ କୁମାର ପତି)

ଗୁଡ଼ାରି ବ୍ଲକର ସିରିଗୁଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ସା ଗାଁରେ ରବିବାର ଅପରାହ୍ନରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଥିଲା। ପ୍ରବଳ ପବନ ସାଙ୍ଗକୁ ବର୍ଷା ଯୋଗୁ ଗାଁର ଅନେକ ଘରର ଆଜବେଷ୍ଟସ୍ ଛାତ ଉଡ଼ିଯାଇଥିଲା। ଖବର ପାଇ ସିରିଗୁଡ଼ା ସରପଞ୍ଚ ଭାରତୀ ସ୍ରାମ୍ବୁକିଆ, କୋରାପୁଟ ଏମ୍‌ପି ପ୍ରତିନିଧି ଭାସ୍କର ଜାଗରଙ୍ଗା ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଗୁଡ଼ାରି ତହସିଲଦାର ଭାରତୀ ଦେବୀ ଗାଁରେ ପହଞ୍ଚି ୮ ପ୍ରଭାବିତ ପରିବାରକୁ ପଲିଥିନ ପ୍ରଦାନ କରିଥିଲେ। କ୍ଷୟକ୍ଷତିର ଆକଳନ କରିବା ପରେ ସରକାରଙ୍କ ନିୟମ ଅନୁସାରେ ପଦକ୍ଷେପ ନିଆଯିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି।ଅତିରିକ୍ତ ତହସିଲଦାର ହୃଷୀକେଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ୧୨ଘଣ୍ଟା ବଲାଙ୍ଗୀର ବନ୍ଦ

ବଲାଙ୍ଗୀର, ୨୨।୬ (ବୀରେନ୍ଦ୍ର କୁମାର ଝାଙ୍କର)

ମହିଳାମାନଙ୍କ ବୃଦ୍ଧି ପାଉଥିବା ଅତ୍ୟାଚାର, ନିର୍ଯାତନା ପ୍ରତିବାଦରେ ଗୁରୁବାର ପଶ୍ଚିମ ଓଡ଼ିଶା ମହିଳା ସଙ୍ଗଠନ ପକ୍ଷରୁ ଆହୂତ ୧୨ ଘଣ୍ଟିଆ ବଲାଙ୍ଗୀର ବନ୍ଦକୁ ସମର୍ଥନ ମିଳିଛି। ସକାଳ ୬ଟାରୁ ମହିଳା ସଙ୍ଗଠନ, ଗରିବ ସେନା, ଜିଲା ଦଳିତ ସଙ୍ଗଠନ, ଲକ୍ଷେଘର ଗଣ୍ଡା ସମାଜ, ଶ୍ରମିକ ସଙ୍ଗଠନ ଓ ନଗର କଂଗ୍ରେସ ନେତା ଏବଂ କର୍ମୀ ବିଭିନ୍ନ ସରକାରୀ ଅଫିସ ଓ ସିଭିଲ କୋର୍ଟ ସମ୍ମୁଖରେ ପିକେଟିଂ କରିଥିଲେ।

## ସିକ୍ୟୁରିଟି କର୍ମଚାରୀଙ୍କୁ ଦରମା ନ ମିଳିବାରୁ ପ୍ରତିବାଦ



ସିକ୍ୟୁରିଟି ମାନଙ୍କୁ ବୁଝାଶୁଝା କରାଯାଉଛି ।

ମାଲକାନଗିର,୨୨।୬(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ସିକ୍ୟୁରିଟି କର୍ମଚାରୀମାନେ ପ୍ରାୟ ୩ ମାସ ଧରି ଦରମା ପାଉ ନ ଥିବାରୁ ବୁଧବାର ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ପ୍ରତିବାଦ କରିଥିଲେ। ସ୍ୱଳ୍ପ ଦରମା ପାଇ ଏମାନେ ମୁଖ୍ୟ ଚିକିତ୍ସାଳୟରେ ଦିନରାତି କାର୍ଯ୍ୟ କରୁଥିବା ବେଳେ ଏମାନଙ୍କୁ ମାସ ମାସ ଧରି ପ୍ରାପ୍ୟ ପ୍ରଦାନ କରାଯାଉ ନ ଥିବା ବେଳେ ସେମାନେ ପରିବାର ପ୍ରତିପୋଷଣରେ ନାନା ସମସ୍ୟା ଭୋଗୁଥିବା ପ୍ରକାଶ କରିଛନ୍ତି। ତେବେ ଏକ ସଂସ୍ଥା ମଧ୍ୟମରେ ଏହି ସିକ୍ୟୁରିଟି କର୍ମଚାରୀଙ୍କୁ ନିଯୋଜିତ କରାଯାଇଥିବା ବେଳେ ଏମାନେ ନିଜ କର୍ତ୍ତବ୍ୟ ସୁଚାରୁରୂପେ ସମ୍ପାଦନ କରୁଛନ୍ତି। କିନ୍ତୁ ଦରମା ମିଳୁ ନ ଥିବାରୁ ବାରମ୍ବାର ସେମାନେ ନିଜ ଉପରିସ୍ଥ ଅଧିକାରୀଙ୍କୁ ଏନେଇ ଅବଗତ କରାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିବାରୁ ପ୍ରତିବାଦ କରିଥିଲେ। ଖବର ପାଇ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ସେଠାରେ ପହଞ୍ଚି ଜିଲା ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନାକରି ତୁରନ୍ତ ଏହି ସିକ୍ୟୁରିଟି କର୍ମଚାରୀଙ୍କ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ।

## ସଙ୍ଗଠନ ଦୃଢ଼ କରିବାକୁ ଗୁରୁମନ୍ତ୍ର

ଝରିଗାଁ,୨୨।୬(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ବିଜେଡି ପକ୍ଷରୁ ଚଚା ପଞ୍ଚାୟତ ସଦରସ୍ଥିତ ରାଧାକୃଷ୍ଣ ମନ୍ଦିର ପଡ଼ିଆରେ ୩ ନମ୍ବର ଜୋନ୍‌ର ପଞ୍ଚାୟତସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଟିକଚନ୍ଦ ମାଝିଙ୍କ ଆବାହନରେ ପ୍ରଥମେ ଏକ ବିଶାଳ ପଦଯାତ୍ରା ଆରମ୍ଭ ହୋଇ ମନ୍ଦିର ପଡ଼ିଆ ନିକଟରେ ପହଞ୍ଚିଥିଲ। ସେଠାରେ ଆୟୋଜିତ କାର୍ଯ୍ୟକ୍ରମରେ ନବରଙ୍ଗପୁର ଏମ୍‌ପି ତଥା ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ଉପସ୍ଥିତ ଥିଲେ। ଲୋକଙ୍କ ନିକଟତର ହୋଇ ସଙ୍ଗଠନକୁ ସୁଦୃଢ଼ କରିବାକୁ ଉପସ୍ଥିତ କର୍ମୀଙ୍କୁ ଏମ୍‌ପି, ବିଧାୟକ ଗୁରୁମନ୍ତ୍ର ଦେଇଥିଲେ

ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ସଚେତନ କରିବା ସହ ସେମାନଙ୍କ ସୁଖଦୁଃଖର ଭାଗୀଦାର ହେବାକୁ ଏମ୍‌ପି କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଝରିଗାଁ ବ୍ଲକରେ ବିଦ୍ୟାର୍ଥୀମାନଙ୍କ ପାଇଁ ଡିଗ୍ରୀ ମହାବିଦ୍ୟାଳୟ ସ୍ଥାପନ, ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଝରିଗାଁରେ ସତୀଘାଟ ନଦୀବନ୍ଧ ସହିତ ଉଠା ଜଳସେଚନ, ଗଭୀର ନଳକୂପ ଖନନ, ଚାଷ ଜମିରେ ଜଳସେଚନ, ଯାତାୟାତର ସୁବିଧା ପାଇଁ ମୁଖ୍ୟମନ୍ତ୍ରୀ ସଡ଼କ ଏବଂ ବିଜୁ ସେତୁ ଯୋଜନା, ବୃହତ୍ତ ସ୍ୱଚ୍ଛ ପାନୀୟ ଜଳଯୋଗାଣ ଏବଂ ଚନ୍ଦନଧାରା ଶୈବପୀଠ ଉନ୍ନତି ସମ୍ପର୍କରେ ସୂଚନା ଦିଆଯାଇଛି। ଚଚା ଗ୍ରାମର ବୁଦ୍ଧିଜୀବୀ ଗଣପତି ପୂଜାରୀ ଏବଂ ନରସିଂହ ମାଝି ଦଳରେ ମିଶିବାପରେ ତାଙ୍କୁ ସ୍ୱାଗତ କରାଯାଇଛି।

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସରକାରଙ୍କ ଉଠା ଜଳସେଚନ ନିଗମ ଉପଦେଷ୍ଟା ପ୍ରମୋଦ ପାଢୀ, ଏମ୍‌ପିଙ୍କ ପ୍ରତିନିଧି ପ୍ରିୟରଞ୍ଜନ ଦାସ, ବ୍ଲକ ଅଧକ୍ଷ ଦୁର୍ଗାପ୍ରସାଦ ମାଝି, ତ୍ରମିଳା ପୂଜାରୀ, ଯମୁନା ଗଣ୍ଡ, ବିଧାୟକ ପ୍ରତିନିଧି ରାମଧର ମାଝି, ସଞ୍ଜୟ ଗୁପ୍ତା, ବ୍ଲକ ଉପାଧକ୍ଷା ମନଦି ମାଝି,ସରପଞ୍ଚ ମୋହନ ନାୟକ, ଚମ୍ପା ପୂଜାରୀଙ୍କ ସମେତ ଅନ୍ୟ କେତେଜଣ ନେତା ଉପସ୍ଥିତ ଥିଲେ।



ବିଜେଡିର ଜୋନସ୍ତରୀୟ କର୍ମୀ ସମ୍ମିଳନୀରେ ଏମ୍‌ପି ରମେଶ ମାଝି ଅଭିଭାଷଣ ଦେଉଛନ୍ତି।

# ସମିତି ସଭ୍ୟାସଭ୍ୟଙ୍କୁ ପ୍ରତ୍ୟକ୍ଷ କ୍ଷମତା ଦାବି

କାଲିମେଳା, ୨୨।୬(ଜୀବନକୃଷ୍ଣ ଦାସ )

ମାଲକାନଗିରି ଜିଲା କାଲିମେଳା ପଞ୍ଚାୟତ ସମିତି ବା ବ୍ଲକର ବିଭିନ୍ନ ପଞ୍ଚାୟତରେ ଥିବା ସମିତି ସଭ୍ୟା ଓ ସଭ୍ୟଙ୍କୁ କ୍ଷମତା ପ୍ରଦାନ କରିବା ଉଦ୍ଦେଶ୍ୟରେ ଏକ ୧୦ଦଫା ସମ୍ବଳିତ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କାଲିମେଳା ବିଡିଓ ପ୍ରଦୀପ କରଙ୍କୁ ଗୁରୁବାର ପ୍ରଦାନ କରାଯାଇଛି।

ବ୍ଲକର ସମସ୍ତ ସମିତି ସଭ୍ୟାସଭ୍ୟା, ସଂଘ ସଦସ୍ୟମାନେ କାଲିମେଳା ବ୍ଲକରେ ଏକ ବୈଠକ କରିଥିଲେ। ଏଥିରେ ବ୍ଲକ ଅଧକ୍ଷା ସୁବାସିନୀ ସୋଡ଼ିଙ୍କ ସହ ଉପାଧକ୍ଷ ଲକ୍ଷ୍ମୀଧର ମାଡକାମି ଉପସ୍ଥିତ ଥିଲେ। ସମିତି ସଭ୍ୟଙ୍କ ଅଭିଯୋଗ ଅନୁଯାୟୀ, ସମ୍ବିଧାନର ଅନୁଚ୍ଛେଦ ୨୪୩(କ)ରେ ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ ଯୋଜନା ପ୍ରସ୍ତୁତକରି ସେଗୁଡ଼ିକର ସଫଳ ରୂପାୟନ କରିବା ହେଉଛି ତ୍ରିସ୍ତରୀୟ ପଞ୍ଚାୟତ ଅନୁଷ୍ଠାନଗୁଡ଼ିକର ପ୍ରମୁଖ ଦାୟିତ୍ୱ। ଏଥି ନିମନ୍ତେ ଓଡ଼ିଶା ପଞ୍ଚାୟତ ସମିତି ଆଇନ ୧୯୫୯ର ଧାରା ୨୦ରେ ମଧ ବ୍ଲକସ୍ତରର ବିକାଶ ଯୋଜନା ପ୍ରସ୍ତୁତି ପାଇଁ ବିଭିନ୍ନ ଆଇନଗତ ବ୍ୟବସ୍ଥା ରହିଛି। କିନ୍ତୁ ଅନ୍ୟ ପଦବୀ ଭଳି ସମିତି ସଭ୍ୟ ନିମନ୍ତେ ନିର୍ବାଚନ ହେଉଥିଲେ ମଧ ସେମାନଙ୍କୁ କୌଣସି କାମରେ ଗୁରୁତ୍ୱ ଦିଆଯାଉନାହିଁ।

ଦାବିଗୁଡିକ ମଧ୍ୟରେ ପ୍ରତ୍ୟେକ ପଞ୍ଚାୟତରେ ସମିତି ସଭ୍ୟା/ସଭ୍ୟଙ୍କୁ କାମ କରିବା ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା



ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ସହ ଏକ ସ୍ୱତନ୍ତ୍ର ପ୍ରକୋଷ୍ଠ ଦେବା, ସରକାରୀ ବ୍ୟବସ୍ଥା ଅନୁଯାୟୀ ପଞ୍ଚାୟତ ଓ ପଞ୍ଚାୟତ ସମିତିରେ କାର୍ଯ୍ୟ କରିବାର ଉତ୍ତମ ପରିବେଶ ସୃଷ୍ଟି କରିବା, ଗ୍ରାମପଞ୍ଚାୟତରେ ନିର୍ବାଚିତ ପ୍ରତିନିଧି ଭାବେ ଆମର କେତେକ ନିର୍ଦ୍ଦିଷ୍ଟ କ୍ଷମତା ରହୁ, ଯଦ୍ଦ୍ୱାରା ସ୍ଥାନୀୟ ଲୋକଙ୍କ ସମସ୍ୟା ସମାଧାନ ପାଇଁ ବିଧାୟକ ଏବଂ ଏମ୍‌ପିଙ୍କ ଭଳି ଅନ୍ତତଃ ପକ୍ଷେ ବାର୍ଷିକ ୨୦ ଲକ୍ଷ ଟଙ୍କାର ପାଣ୍ଠି ସରକାର ଦିଅନ୍ତୁ। ପଞ୍ଚାୟତରେ ମାସିକ ବୈଠକ ସହିତ ଜିପିଡିପି ବୈଠକରେ ସମିତି ସଭ୍ୟଙ୍କ ସ୍ୱାକ୍ଷର ନେବା, ସମିତି ସଭ୍ୟା/ ସଭ୍ୟଙ୍କ ମାସିକ ଭତ୍ତା ଅତି କମ୍‌ରେ ୧୫ହଜାର ଟଙ୍କାକୁ ବୃଦ୍ଧି କରାଯାଉ, ପ୍ରତି ମାସ ବୈଠକ ସମ୍ପର୍କରେ ବ୍ଲକ କର୍ତ୍ତୃପକ୍ଷ ଚିଠି ଦ୍ୱାରା ସମିତି ସଭ୍ୟା/ସଭ୍ୟଙ୍କୁ ଜଣାନ୍ତୁ। ପଞ୍ଚାୟତରେ ଆଗତ ରିଜୋଲ୍ୟୁଶନ ପଞ୍ଚାୟତ ସମିତିରେ ଗୃହୀତ ହେବା ପୂର୍ବରୁ ତାହା ସମ୍ପୃକ୍ତ ସମିତି ସଭ୍ୟଙ୍କ ଦୃଷ୍ଟିକୁ ଅଣାଯାଉ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରକଳ୍ପଗୁଡ଼ିକର ୫୦ ପ୍ରତିଶତ କାର୍ଯ୍ୟ ପଞ୍ଚାୟତ ସମିତି ମାଧ୍ୟମରେ ସରକାରୀ ନିର୍ଦ୍ଦେଶନାମା ଥିବା ସତ୍ତ୍ୱେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ବିଡିଓମାନଙ୍କୁ ସମିତି ସଭ୍ୟା/ ସଭ୍ୟାଙ୍କ ତତ୍ତ୍ୱାବଧାନରେ କରିବା ପାଇଁ ନିର୍ଦ୍ଦେଶ ଦିଆଯାଉ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରକଳ୍ପର ବିଲ୍ ଗୃହୀତ ହେବା ପୂର୍ବରୁ ମଷ୍ଟର ରୋଲ୍‌ରେ ସମିତି ସଭ୍ୟଙ୍କ ଦସ୍ତଖତକୁ ବାଧତାମୂଳକ କରାଯାଉ। ପଞ୍ଚାୟତ ସମିତି କାର୍ଯ୍ୟଗୁଡ଼ିକର ଅଟକଳ, ଖର୍ଚ୍ଚ ଗୃହୀତ ହେବା ପୂର୍ବରୁ ସମ୍ପୃକ୍ତ ପଞ୍ଚାୟତର ସମିତି ସଭ୍ୟଙ୍କ ଦସ୍ତଖତ ବାଧତାମୂଳକ କରାଯାଉ ବୋଲି ଦାବି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସଂଘ ସଭାପତି କାରାମ ନାଗା, ଉପସଭାପତି ରବିତା ପୋଦ୍ଦାର, ତପନ ବନିକ, ଚମ୍ପା ମଲ୍ଲିକ, ସାଧାରଣ ସମ୍ପାଦକ ବିଦ୍ୟା ମାଡକାମି, ପ୍ରିୟା ମାଢ଼ୀ ଓ କୋଷାଧକ୍ଷ ମୁକେ ମାଡକାମିଙ୍କ ସହ ସଦସ୍ୟ ରମାକାନ୍ତ ରାବା, ସୋମନାଥ ପଡିଆମି, କାଞ୍ଚନ ମଣ୍ଡଳ, ସୁଭଦ୍ରା

**ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୧୦ ଦଫା ଦାବିପତ୍ର**

ତରଫଦାର, ଦିବାକର ସରକାର ଓ ଉପଦେଷ୍ଟା ଶ୍ୟାମପଦ ବିଶ୍ୱାସ ପ୍ରମୁଖ ଉପସ୍ଥିତ ରହି ବିଡିଓ ପ୍ରଦୀପ କରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

ସୂଚନାଯୋଗ୍ୟ, ସରପଞ୍ଚ ଯେମିତି ନିର୍ବାଚିତ ହେଉଛନ୍ତି, ଠିକ୍ ସେପରି ଜଣେ ସମିତି ସଭ୍ୟ ମଧ ନିର୍ବାଚିତ ହୋଇଛନ୍ତି। କିନ୍ତୁ ଏଠାରେ ପଞ୍ଚାୟତ ସମିତି ଅଧକ୍ଷ ନିର୍ବାଚନ ପର୍ଯ୍ୟନ୍ତ କେବଳ ସେମାନଙ୍କୁ ଗୁରୁତ୍ୱ ଦିଆଯାଉଥିବା ବେଳେ ତାହା ଶେଷ ହେବା ପରେ ସ୍ଥାନୀୟ ବିଡିଓ କିମ୍ବା ପଞ୍ଚାୟତ ସମିତିର କୌଣସି କର୍ମଚାରୀ ସେମାନଙ୍କୁ ଗୁରୁତ୍ୱ ଦେଉନାହାନ୍ତି ; ଯାହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ସ୍ଥାନୀୟ ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣକଲେ ମଧ ତାକୁ ଗୁରୁତ୍ୱ ଦିଆଯାଉନାହିଁ। କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀମାନେ କୌଣସି ଉନ୍ନୟନମୂଳକ ନିର୍ମାଣ କାର୍ଯ୍ୟର(ଲେଆଉଟ୍) ଦେଲାବେଳେ ସମିତି ସଭ୍ୟା/ସଭ୍ୟଙ୍କୁ ଜଣାଉନାହାନ୍ତି। ପଞ୍ଚାୟତରେ ଯେପରି ସାମ୍ବିଧାନିକ ସୁପାରିସ କ୍ଷମତା ରହିଛି, ସେହିପରି ସମିତି ସଭ୍ୟା/ସଭ୍ୟଙ୍କୁ କ୍ଷମତା ଦେବାପାଇଁ ସେମାନେ ଦାବି କରିଛନ୍ତି ।

## ସଂକ୍ଷେପରେ

### ୫୦ କେଜି ଗଞ୍ଜେଇ ଜବତ, ୩ ଗିରଫ



ପଦ୍ମପୁର, ୨୨।୬ (ପ୍ରଶାନ୍ତ କର)- ରାୟଗଡ଼ା ଜିଲା ପଦ୍ମପୁର ପୋଲିସ ଗୁରୁବାର ପାଟ୍ରୋଲିଂ କରୁଥିବା ସମୟରେ ଇନ୍ଦୁପୁର ନିକଟରୁ ଏକ କାର୍‌ରୁ ୫୦ କେଜି ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ପିସ୍ତଲ, ୫ଟି ମୋବାଇଲ ଫୋନ, ଗଞ୍ଜେଇ ଚାଲାଣରେ ବ୍ୟବହୃତ କାର୍ ଜବତ କରାଯାଇଛି। ପଦ୍ମପୁରରୁ ନାଗପୁର ଅଞ୍ଚଳକୁ ଗଞ୍ଜେଇ ଚାଲାଣ ହେଉଥିବା ପୋଲିସ ସୂଚନା ଦେଇଛି। ପୋଲିସ ଏ ନେଇ ଏକ ମାମଲା ରୁଜୁକରି ଗିରଫ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

### ରାଧାକୃଷ୍ଣ ମନ୍ଦିର ପାଇଁ ଭୂମିପୂଜନ



ଚନ୍ଦ୍ରପୁର, ୨୨।୬ (ବିଜୟ ପ୍ରସାଦ ଉଲାକା)- ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡ଼ାସ୍ଥିତ ଭୋଳେଶ୍ୱର ମନ୍ଦିର ପରିସରରେ ଗୁରୁବାର ଏକ ନୂତନ ରାଧାକୃଷ୍ଣ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ପୁରୋଧା ଭାବେ ଗ୍ରାମର ଅହଲ୍ୟା ମଣ୍ଡଳ ଯୋଗଦେଇ ପୂଜାପାଠ କରିଥିଲେ। ବ୍ରାହ୍ମଣସାହିର ଦଇତାରି ବ୍ରହ୍ମା, ରମେଶ ପଣ୍ଡା ପ୍ରମୁଖ ବେଦ ଉଚ୍ଚାରଣ ସହ ପୂଜା କାର୍ଯ୍ୟ ତୁଲାଇଥିଲେ। ମନ୍ଦିର ନିର୍ମାଣ ମିସ୍ତ୍ରି ବିଜୟ ତାରିଣୀ ଉପସ୍ଥିତ ରହି ମନ୍ଦିର କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମର ଶତାଧିକ ମହିଳା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି ନେଇ ଦାବିପତ୍ର

ରାୟଗଡ଼ା, ୨୨।୬(ଆଶିଷ ରଞ୍ଜନ ପଣ୍ଡା)- ରାୟଗଡ଼ା ବ୍ଲକ କୁମ୍ଭିକୋଟା ପଞ୍ଚାୟତସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତୀକରଣ ଓ କର୍ମଚାରୀ ନିୟୋଜନ ନେଇ କୁମ୍ଭିକୋଟା-କୁଟୁଲି-ନାକିଟି ବିକାଶ ପରିଷଦ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଏହି ଦାବିପତ୍ରକୁ



ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା ଗ୍ରହଣ କରିଥିଲେ। ସେହିଭଳି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉନ୍ନତୀକରଣ ପାଇଁ ବିକାଶ ପରିଷଦ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କୁମ୍ଭିକୋଟା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଏମ୍‌ବିବିଏସ୍ ଡାକ୍ତର, ଷ୍ଟାଫ୍ ନର୍ସ, ଆଟେଣ୍ଡାଣ୍ଟ, ଲାବ୍ ଟେକ୍ନିସିଆନ, ୬ ଶଯ୍ୟା ବିଶିଷ୍ଟ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ, ଆମ୍ବୁଲାନ୍ସ ସେବା ସହିତ ସମସ୍ତ ସବ୍ ସେଣ୍ଟରର ଉନ୍ନତୀକରଣ ଓ ପରିଚାଳନା ଆଦି ସମସ୍ୟା ଦୂରୀକରଣ ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ପ୍ରକାଶ ଥାଉକି, କୁମ୍ଭିକୋଟା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ କୁମ୍ଭିକୋଟା, କୁଟୁଲି, ନାକିଟି ଓ ଗୁମ୍ମା ପଞ୍ଚାୟତର ପ୍ରାୟ ୧୫ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ନିର୍ଭର କରନ୍ତି। ତେଣୁ ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତୀକରଣ ହେଲେ ଅଞ୍ଚଳବାସୀ ଉପକୃତ ହେବେ ବୋଲି ବିକାଶ ପରିଷଦ ଦାବି କରିଛି। ହୃଷୀକେଶ କୁଲଦୀପଙ୍କ ନେତୃତ୍ୱରେ ଅତିରିକ୍ତ ଜିଲାପାଳଙ୍କୁ ଏହି ଦାବିପତ୍ର ପ୍ରଦାନ ସମୟରେ ବିକାଶ ପରିଷଦର କୁମ୍ଭିକୋଟା ସରପଞ୍ଚ ଗୋପାଳକୃଷ୍ଣ କୁଲେସିକା, କେଏନ୍‌କେ ବିକାଶ ପରିଷଦର କର୍ମକର୍ତ୍ତା ଶାନ୍ତନୁ ବାଘ, ପୁରନ୍ଦର ପାଣି, ଜନାର୍ଦ୍ଦନ ଗରଡ଼ା, ଗୁଣନିଧି ଦାଶ, କର୍ଣ୍ଣ ବିଡିକା ଓ ମହେନ୍ଦ୍ର ବିଭାର ପ୍ରମୁଖ ଉପସ୍ଥିତ ଥିଲେ।

### ଗଞ୍ଜେଇ ଚାଲାଣ ବେଳେ ଜଣେ ଗିରଫ

ଜୟପୁର, ୨୨।୬ (ପବନ ପାଣିଗ୍ରାହୀ ) ଗଞ୍ଜେଇ ଚୋରାଚାଲାଣ କରୁଥିବା ବେଳେ ଜୟପୁର ଅବକାରୀ ବିଭାଗ ଜଣଙ୍କୁ ଗିରଫ କରିଛି। ସେ ହେଲେ ମୁନା ସ୍ୱାଇଁ। ଗଞ୍ଜେଇ ଚାଲାଣ କରୁଥିବା ସୂଚନା ପାଇ କର୍ମଚାରୀମାନେ ସହରର ଲକ୍ଷ୍ମୀ ପଣ୍ଡା ଛକରୁ ବ୍ୟାଗ୍ ଧରି ଠିଆ ହୋଇଥିବା ମୁନାଙ୍କୁ ଧରିଥିଲେ। ତାଙ୍କ ନିକଟରୁ ୭ କେଜି ଗଞ୍ଜେଇ ଜବତ ହୋଇଥିବା ଓଆଇସି ସଞ୍ଜୟ କାନ୍ତି କହିଛନ୍ତି।

# ମାସକରେ ପ୍ରସ୍ତୁତହେବ ମଝିଘରିଆଣୀ ମନ୍ଦିର ଡିପିଆର୍

- ମନ୍ଦିର ଟ୍ରଷ୍ଟ ବୋର୍ଡର ଖବରଦାତା ସମ୍ମିଳନୀ
- ମୁଖ୍ୟମନ୍ତ୍ରୀ, ୫-ଟି ସଚିବଙ୍କୁ ଜଣାଇଲେ କୃତଜ୍ଞତା

ରାୟଗଡ଼ା, ୨୨।୬(ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀ ମନ୍ଦିରର ରୂପାନ୍ତରୀକରଣ ହେବ ବୋଲି ରାଜ୍ୟ ସରକାର ବୁଧବାର ଘୋଷଣା କରିଛନ୍ତି। ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ମନ୍ଦିର ଚତୁଃପାର୍ଶ୍ୱରେ ଥିବା ୬ ଏକର ୩୦ଡିସିମିଲ ରେଳପଥ ଜମିକୁ ମା' ମଝିଘରିଆଣୀ ମନ୍ଦିରକୁ ହସ୍ତାନ୍ତର କରାଯିବ ବୋଲି ବୁଧବାର କ୍ୟାବିନେଟ ବୈଠକରେ ଘୋଷଣା ହେବା ପରେ ରାୟଗଡା ସହରବାସୀ ତଥା ମା'ଙ୍କ ଭକ୍ତଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

ପ୍ରକାଶ ଥାଉକି, ମଝିଘରିଆଣୀ ମନ୍ଦିରର ଉନ୍ନତୀକରଣ ପାଇଁ ଜମି ଆବଶ୍ୟକ ଥିବା ବେଳେ ନିକଟସ୍ଥ ଜମି ରେଳ ବିଭାଗ ଅଧୀନରେ ଥିବାରୁ ବିକାଶ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତା।

କାର୍ଯ୍ୟ ଦୀର୍ଘଦିନରୁ ଅଟକି ରହିଥିଲା। ତେବେ ଗତ ୭ ତାରିଖରେ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ରାୟଗଡ଼ା ଗସ୍ତ ସମୟରେ ସେ ମନ୍ଦିର ପରିଦର୍ଶନ କରିବା ସହ ଉନ୍ନତୀକରଣ ନେଇ କମିଟି କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ମନ୍ଦିର ଚତୁଃପାର୍ଶ୍ୱରେ ଥିବା ରେଳପଥ ବିଭାଗର ୬ ଏକର ୩୦ଡିସିମିଲ ଜମି ମନ୍ଦିରକୁ ହସ୍ତାନ୍ତର କରିବାକୁ ଉଭୟ ରେଲୱେ ଓ ରାଜ୍ୟ ସରକାର ସ୍ୱୀକୃତି ଦେବା ପାଇଁ ୫-ଟି ସଚିବଙ୍କୁ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଉକ୍ତ ଜମିକୁ ମା'ଙ୍କ ନାମରେ ରେକର୍ଡ କରିବା ପାଇଁ ସରକାରୀ ନିୟମାନୁସାରେ ଦେୟ ପରିମାଣ ଟଙ୍କା ସମ୍ପୂର୍ଣ୍ଣ ଛାଡ କରିବା ପାଇଁ ସଚିବଙ୍କୁ ଟ୍ରଷ୍ଟ ବୋର୍ଡ ତରଫରୁ ଅନୁରୋଧ କରାଯାଇଥିଲା। ୫-ଟି ସଚିବ ପାଣ୍ଡିଆନ ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବେ ଏବଂ ମୁଖ୍ୟମନ୍ତ୍ରୀ ନିଶ୍ଚିତ ମନ୍ଦିରର ବିକାଶ ପାଇଁ ସହଯୋଗର ହାତ ବଢ଼ାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ପ୍ରତିଶ୍ରୁତି ରକ୍ଷା ପୂର୍ବକ ବୁଧବାର ରାଜ୍ୟ କ୍ୟାବିନେଟ୍‌ରେ ମନ୍ଦିରର ଉନ୍ନତୀକରଣ ପାଇଁ ୬.୩୦ ଏକର ଜମି ମନ୍ଦିର ପରିଚାଳନା କମିଟିକୁ ନିଃଶୁଳ୍କରେ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଥିଲା। ସେହିପରି ସରକାର ମନ୍ଦିରର ରୂପାନ୍ତରଣ ପାଇଁ ଡିପିଆର୍ ପ୍ରସ୍ତୁତ ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ୧ ମାସ ମଧ୍ୟରେ ପ୍ରସ୍ତୁତ କରାଯାଇ ଯଥାଶୀଘ୍ର ପଠାଯିବ ବୋଲି ମନ୍ଦିର ଟ୍ରଷ୍ଟି ବୋର୍ଡ ଅଧ୍ୟକ୍ଷ ରାଇସିଂ ବିଡ଼ିକା କହିଛନ୍ତି। ମନ୍ଦିର ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ବିଡ଼ିକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଟ୍ରଷ୍ଟ ବୋର୍ଡ ସଭ୍ୟ ରାଧାକୃଷ୍ଣ ଦଳେଇ, ଇପିଲି ସନ୍ନ୍ୟାସୀ ରାଜୁ, ଦେବେନ୍ଦ୍ର ବେହେରାଙ୍କ ସମେତ ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା, ତହସିଲଦାର ତାପସ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ।

# ପାରମ୍ପରିକ ଲୋକନୃତ୍ୟ ପରିବେଷଣ



ଲୋକକଳା କାର୍ଯ୍ୟକ୍ରମରେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

### କାଶୀପୁରରେ ଲୋକକଳା ଦିବସ

ଟିକିରି, ୨୨।୬ (ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ସଦର ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଗୁରୁବାର ଲୋକକଳା ଦିବସ ପାଳନ କରାଯାଇଛି। ଏହି ଅବସରରେ କାଶୀପୁର ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ୧୪ କଳାକାର ଗୋଷ୍ଠୀ ଲୋକକଳା ମହୋତ୍ସବରେ ଅଂଶଗ୍ରହଣ କରି ଅଞ୍ଚଳରେ ଲୁଚି ଯାଉଥିବା ପାରମ୍ପରିକ ଲୋକ ନୃତ୍ୟକଳା ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ବ୍ଲକ ଅଧିକାରୀ ପଦ୍ମିନୀ କହଁର, ପଞ୍ଚାୟତ ସମିତି ଅଧ୍ୟକ୍ଷ କଣ୍ଟେଶ୍ୱର ମାଝୀ ,ବ୍ଲକ ବିଜେଡି ସଭାପତି ବିନୋଦ ନାଏକ, ଜିଲା କଳାକାର ସଂଘ ସଭାପତି ସନ୍ତୋଷ ବଛ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରମାକାନ୍ତ କୁମରିକାଙ୍କ ସମେତ ବ୍ଲକ କର୍ମଚାରୀମାନେ ପାରମ୍ପରିକ ଢେମଶା ନୃତ୍ୟ କରି ଉପସ୍ଥିତ ଶତାଧିକ ଦର୍ଶକଙ୍କୁ ଉତ୍ସାହିତ କରିବା ସହ କଳାକାରମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ତେବେ ରାୟଗଡା ଜିଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାବେଳେ ଏଠାରେ ଆଦିମ କାଳରୁ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ପଛୁଆ ବର୍ଗ ସମ୍ପ୍ରଦାୟର ଲୋକଙ୍କ ବିଭିନ୍ନ ଚାଲିଚଳନ, ଭାଷା, ତାଙ୍କ ପରିଧାନ ଏବଂ ପାରମ୍ପରିକ ରୀତିନୀତି ଓ ସାଂସ୍କୃତିକ ପର୍ବପର୍ବାଣୀ ଅତି ନିଆରା ଢଙ୍ଗରେ ପାଳିତ ହୋଇଥାଏ। ଆଜିକାର ଦିନରେ ଏହି ସବୁ ପରମ୍ପରା ବିଭିନ୍ନ କାରଣରୁ ବିଲୁପ୍ତ ହେବାକୁ ବସିଲାଣି ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା।

# ଖୋଲିପାରିଲାନି ଯୁକ୍ତ ୩ ବିଜ୍ଞାନ ବିଭାଗ

### କଲେଜ ପ୍ରତିଷ୍ଠାର ୩୭ ବର୍ଷ ପୂରିଲା

ଗୁଡ଼ାରି, ୨୨।୬ (ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲାର ଆଦିବାସୀ ଅଧ୍ୟୁଷିତ ଗୁଡ଼ାରି ବ୍ଲକରେ ଉଚ୍ଚ ଶିକ୍ଷାର ଉନ୍ନତି ନିମନ୍ତେ ସ୍ୱର୍ଗତ ରାମନାଥ ପାଣିଗ୍ରାହୀଙ୍କ ଉଦ୍ୟମରେ ଗୁଡ଼ାରିରେ ୧୯୮୩ ମସିହାରେ ବିଜ୍ଞାନ ମହାବିଦ୍ୟାଳୟ ସ୍ଥାପନ ହୋଇଥିଲା। ସେହିବର୍ଷ ଯୁକ୍ତ ୨ କଳା ଶିକ୍ଷା ଆରମ୍ଭ ହୋଇଥିବାବେଳେ ଏହାର ଗୋଟିଏ ବର୍ଷ ପରେ ଅର୍ଥାତ୍ ୧୯୮୪ରେ ଯୁକ୍ତ ୨ ବିଜ୍ଞାନ ବିଭାଗ ଖୋଲିଥିଲା। କଲେଜରେ ଯୁକ୍ତ ୩ ବିଭାଗ ଖୋଲିବା ନେଇ ବାରମ୍ବାର ଦାବି ସତ୍ତ୍ୱେ ଆଜି ଯାଏଁ ଖୋଲିପାରି ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କଲେଜ ପ୍ରତିଷ୍ଠା ହେବା ପରଠାରୁ ଉଭୟ ବିଭାଗରେ ପ୍ରତ୍ୟେକ ବିଷୟରେ ଅଧ୍ୟାପକ ରହିବା ସହ ଶିକ୍ଷାଦାନ କରୁଥିଲେ। ଏହି କଲେଜର ବିଭିନ୍ନ ଉତ୍ସବରେ ଓଡ଼ିଶାର ବରପୁତ୍ର ସ୍ୱର୍ଗତ ବିଜୁ ପଟ୍ଟନାୟକ, ତତ୍କାଳୀନ ରାଜ୍ୟପାଳ ଯଜ୍ଞଦତ୍ତ ଶର୍ମା ଉପସ୍ଥିତ ରହି ଗୁଡ଼ାରି ଅଞ୍ଚଳରେ ଏହି କଲେଜ ଉଚ୍ଚ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ସୃଷ୍ଟି କରିବ ବୋଲି ଅଭିଭାଷଣରେ କହିଥିଲେ। ଯୁକ୍ତ ୨ କଳା ବିଭାଗରେ ଦୀର୍ଘ ବର୍ଷ ସ୍ଥାନୀୟ ଛାତ୍ରୀଛାତ୍ର ଶିକ୍ଷା ଲାଭ କରିବା ପରେ ଯୁକ୍ତ ୩ କଳା ବିଭାଗରେ ଶିକ୍ଷା ଲାଭ କରିବା ପାଇଁ ଡିଗ୍ରୀ କଲେଜ ସ୍ଥାପନ ହେଲା। ଯୁକ୍ତ ୨ ବିଜ୍ଞାନ ବିଭାଗ ଖୋଲିବାର ୩୭ବର୍ଷ ବିତିଯାଇଥିଲେ ମଧ୍ୟ ଗୁଡ଼ାରିରେ ଯୁକ୍ତ ୩ରେ ବିଜ୍ଞାନ ବିଭାଗ ଖୋଲାଯାଇପାରି ନାହିଁ। ଅଞ୍ଚଳରେ ବହୁତ ଗରିବ ମେଧାବୀ ଛାତ୍ରୀଛାତ୍ର ମାଟ୍ରିକ ପାସ୍ କଲା ପରେ ବିଜ୍ଞାନ ପଢ଼ିବା ପାଇଁ ଇଚ୍ଛା ଥିଲେ ମଧ୍ୟ ଯୁକ୍ତ ୩ରେ ବିଜ୍ଞାନ ବିଭାଗ ନ ଥିବା ଯୋଗୁ ପିଲାମାନେ ବାଧ୍ୟହୋଇ ଯୁକ୍ତ ୨ରେ କଳା ବିଭାଗରେ ନାମ ଲେଖାଉଛନ୍ତି। ଯେଉଁ ଛାତ୍ରୀଛାତ୍ର ଯୁକ୍ତ ୩ ବିଜ୍ଞାନ ପଢିବା ପାଇଁ ଚାହୁଁଛନ୍ତି ସେମାନଙ୍କୁ ଅତିକମ୍‌ରେ ୪୫ କି.ମି. ଦୂର ଗୁଣପୁର ଯିବାକୁ ପଡୁଛି। କିମ୍ବା ସେଠାରେ ରହି ପଢ଼ିବାକୁ ପଡୁଛି ; ଯାହାକି ସବୁ ପିତାମାତା ନିଜ ପିଲାଙ୍କ ପାଇଁ ଖର୍ଚ୍ଚ କରିବାକୁ ଅସମର୍ଥ। ଯୁକ୍ତ ୩ରେ ବିଜ୍ଞାନ ବିଭାଗ ଖୋଲିଲେ ଗୁଡ଼ାରି ଅଞ୍ଚଳର ବହୁ ଗରିବ ମେଧାବୀ ଛାତ୍ରୀଛାତ୍ର ଉପକୃତ ହେବା ସହ ଅଞ୍ଚଳର ନାମ ବିକାଶ କରିବେ ବୋଲି କଲେଜର ପୁରାତନ ଛାତ୍ର ମତ ଦେଇଛନ୍ତି। ଖୁବ୍‌ଶୀଘ୍ର ଏଠାରେ ଯୁକ୍ତ ୩ ବିଜ୍ଞାନ ବିଭାଗ ଖୋଲିବା ପାଇଁ ଅଞ୍ଚଳବାସୀ ସରକାରଙ୍କୁ ନିବେଦନ କରିଛନ୍ତି।



ଗୁଡ଼ାରି ବିଜ୍ଞାନ ମହାବିଦ୍ୟାଳୟ।

### କଂଗ୍ରେସ ପ୍ରଚାର ଅଧ୍ୟକ୍ଷଙ୍କ ମୁନିଗୁଡ଼ା ଗସ୍ତ

ମୁନିଗୁଡ଼ା, ୨୨।୬ (ରାଧେଶ୍ୟାମ ଅଗ୍ରୱାଲ)

ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ଓଡିଶା ପ୍ରଦେଶ କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ ଗୁରୁବାର ମୁନିଗୁଡା ଗସ୍ତ କରି କଂଗ୍ରେସ ଭବନଠାରେ ଏକ ସଭାରେ ଯୋଗ ଦେଇଥିଲେ। ଆଗାମୀ ନିର୍ବାଚନରେ ବିଷମକଟକ ନିର୍ବାଚନ ମଣ୍ଡଳୀରେ କଂଗ୍ରେସ କିଭଳି ମଜଭୁତ ହେବ ଏବଂ ବହୁମତରେ ବିଜୟ ଲାଭ କରିବ ସେ ନେଇ ଆଲୋଚନା ହୋଇଥିଲା। ମୁନିଗୁଡା ବ୍ଲକ କଂଗ୍ରେସ କମିଟି ବ୍ଲକ ସଭାପତି ନିଳାମ୍ବର ବିଭାର,ଏମ୍‌ପି ପ୍ରତିନିଧି ମାନସ ରଞ୍ଜନ ବେହେରା, ବିଷମକଟକ ବିଧାୟକ ପ୍ରାର୍ଥୀ ନୀଳମାଧବ ହିକକା, ଓବିସି ସେଲର ଜିଲା ଅଧ୍ୟକ୍ଷ ପ୍ରସାଦ ମାହାକୁଡ, ପିସିସି ରାଜ୍ୟ ଉପସଭାପତି ନକୁଳ ନାୟକ, ବରିଷ୍ଠ କଂଗ୍ରେସ ନେତା ଦିଲ୍ଲୀପ କୁମାର ପଟ୍ଟନାୟକ ପ୍ରମୁଖ ଶ୍ରୀ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଅନ୍ୟପଟେ କୁଟ୍ରାଗଡ଼ଠାରେ ବିଷମକଟକ ନିର୍ବାଚନ ମଣ୍ଡଳୀର କଂଗ୍ରେସ ଆଶାୟୀ ପ୍ରାର୍ଥୀ ନୀଳମାଧବ ଉଲାକା କଂଗ୍ରେସ କର୍ମୀଙ୍କ ସହ ଯାଇ ଶ୍ରୀ ପଟ୍ଟନାୟକଙ୍କୁ ସାକ୍ଷାତ କରିଥିଲେ।

# ଶ୍ରୀ ଗୋପୀନାଥଙ୍କୁ ଅଣଦେଖା ଅଭିଯୋଗ

ଗୁଣପୁର, ୨୨।୬(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁରର ନିର୍ମାଣଧୀନ ବଡ ଗୁଣ୍ଡିଚା ମନ୍ଦିରରରେ ଶ୍ରୀ ଗୋପୀନାଥଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି। ଶ୍ରୀ ଗୋପିନାଥ ଏଠାରେ ସବୁଦିନ ପୂଜା ପାଉଥିବାବେଳେ ନବଦିନାତ୍ମକ ଯାତ୍ରା ସମୟରେ ଚତୁର୍ଦ୍ଧାମୂର୍ତ୍ତି ସେଠାରେ ପୂଜା ପାଉଛନ୍ତି। ତେବେ ସ୍ଥାନ ଅଭାବରୁ ଗୋପୀନାଥ ଠାକୁର ମନ୍ଦିର ବାରଣ୍ଡାରେ ରହି ପୂଜା ପାଉଥିବା ଦେଖିବାକୁ ମିଳିଛି।

ମନ୍ଦିର ପରିଚାଳନା କମିଟିର ଅଭିଯୋଗ ଅନୁଯାୟୀ, ଚଳିତ ବର୍ଷ ଗୁଣ୍ଡିଚା ମନ୍ଦିର ନୂତନ ଭାବେ ନିର୍ମାଣ କରାଯାଇଥିବାରୁ ସେଠାରେ ଗୋପୀନାଥ ଠାକୁରଙ୍କୁ ରଖିବା ପାଇଁ ପର୍ଯ୍ୟାପ୍ତ ସ୍ଥାନ ରହିଛି। ଚତୁର୍ଦ୍ଧାମୂର୍ତ୍ତିଙ୍କ ଆସନ ନିକଟରେ ସ୍ଥାନ ରହିଥିଲେ ମଧ୍ୟ ପୂଜକମାନେ ଠାକୁରଙ୍କୁ ହତାଦାର କରି ଡାହାଣ ପଟେ ତଳେ ରଖି ଦେଇଛନ୍ତି। ଯାହାକୁ ନେଇ ମନ୍ଦିର ପରିଚାଳନା କମିଟି ସହ ଗୋପୀନାଥଙ୍କ ପୂଜକଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ପୂଜକମାନଙ୍କ ନିକଟରେ ଏହାର ପ୍ରତିବାଦ କରିଥିଲେ ମଧ୍ୟ ସେମାନେ ଗୁରୁତ୍ୱ ଦେଇ ନ ଥିବା ଅଭିଯୋଗ ହୋଇଛି। ଏପରିକି ଉକ୍ତ ଘଟଣାରେ ତହସିଲଦାର ହସ୍ତକ୍ଷେପ କରିଥିଲେ ମଧ୍ୟ ତାଙ୍କ କଥାକୁ ମଧ୍ୟ ଶୁଣି ନ ଥିବା ଜଣାପଡିଛି। ସେହିଭଳି ମନ୍ଦିରରେ ଭୋଗର ମାନ ଏବଂ ପରିମାଣ ମଧ୍ୟ ଠିକ ନ ଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।



ବଡ ଗୁଣ୍ଡିଚା ମନ୍ଦିରରରେ ତଳେ ପୂଜା ପାଉଥିବା ଶ୍ରୀ ଗୋପୀନାଥ।

# ସୌରାଭାଷା, ଲିପିକୁ ଅଧ୍ୟାଦେଶ ମାଧ୍ୟମରେ କେନ୍ଦ୍ରକୁ ପ୍ରସ୍ତାବ ଦେବାକୁ ଦାବି

ଗୁଣପୁର, ୨୨।୬(ପ୍ରଦୀପ କୁମାର ପାଢ଼ୀ)

ଦୀର୍ଘବର୍ଷ ଦାବି ପରେ ରାଜ୍ୟ ସରକାର ବୁଧବାର ସୌରାଭାଷା ଏବଂ ଲିପିକୁ ସାମ୍ବିଧାନିକ ମାନ୍ୟତା ପ୍ରଦାନ ପାଇଁ କ୍ୟାବିନେଟ ମୋହର ମାରି କେନ୍ଦ୍ର ସରକାରଙ୍କୁ ପ୍ରେରଣ କରିଛନ୍ତି। ଏହାକୁ ନେଇ ରାୟଗଡା ଜିଲା ଗୁଣପୁର ଅଞ୍ଚଳରେ ଆଦିବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପକୁ ସାଧାରଣରେ ସ୍ୱାଗତ କରାଯାଇଛି। ଏହି ଘଟଣାକୁ ନେଇ ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଡ.ଗିରିଧର ଗମାଙ୍ଗ ମଧ୍ୟ ରାଜ୍ୟ ସରକାରଙ୍କୁ ସାଧୁବାଦ ଜଣାଇଛନ୍ତି। ତେବେ ରାଜ୍ୟ ସରକାର ଯେଉଁ ପଦକ୍ଷେପ ନେଇଛନ୍ତି ତା ଉପରେ ସେ ପ୍ରଶ୍ନ ଉଠାଇଛନ୍ତି। ରାଜ୍ୟ ସରକାର ଏହାକୁ ଅଧ୍ୟାଦେଶ କରି କେନ୍ଦ୍ରକୁ ପଠାଇଥିଲେ ଶୀଘ୍ର କାର୍ଯ୍ୟକାରୀ ହୋଇଥାନ୍ତା ବୋଲି ସେ ମତ ରଖିଛନ୍ତି। ଅନ୍ୟପଟେ ସନ୍ଧ୍ୟାରେ ପୁରୁଣା ଗୁଣପୁରସ୍ଥିତ ଶବର ସାଂସ୍କୃତିକ ସଂଘର କାର୍ଯ୍ୟାଳୟଠାରେ ବିଜୟ ଉତ୍ସବ ପାଳନ ହୋଇଥିଲା। ବାଣ ଫୁଟାଇ ନାଚ ଗୀତ କରି ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଥିଲେ। ଶବର ସାଂସ୍କୃତିକ ସଂଘର ସଭାପତି ଚକ୍ରପାଣି ଶବର, ସମ୍ପାଦକ ବଳରାମ ଶବର, ବିଦ୍ୟାଧର ଶବର, ଫାଲଗୁନି ଶବର, ଯୁଗଳ ଶବର , ଏସିଓ ଶବର, ଫାଲଗୁନି ଶବରଙ୍କ ସମେତ ବହୁ ଆଦିବାସୀ ନେତା ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ.ଗିରିଧର ଗମାଙ୍ଗଙ୍କ ସହ ଅନ୍ୟମାନେ।

# ଭେଙ୍କଟେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ

ଗୁଣପୁର, ୨୨।୬ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁରସ୍ଥିତ ଭେଙ୍କଟେଶ୍ୱର ମନ୍ଦିରର ୪୨ ତମ ପ୍ରତିଷ୍ଠା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିଲାଗି ସ୍ଥାନୀୟ କଲ୍ୟାଣମଣ୍ଡପ ଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟେଜନ ହୋଇଥିଲା। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଭକ୍ତଙ୍କ ନିମନ୍ତେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ବିଧାୟକ ରଘୁନାଥ ଗମାଙ୍ଗ ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ରାଜ୍ୟ ଉପଦେଷ୍ଟା ସୁଧୀର ଦାସ ଯୋଗଦେଇ ମନ୍ଦିର ଉନ୍ନତିକରଣ ପାଇଁ ୧୦ ଲକ୍ଷ ଟଙ୍କା ଅନୁଦାନ ଘୋଷଣା କରିଥିଲେ। ମନ୍ଦିର ପରିଚାଳନା କମିଟିର ସଭାପତି ତଥା ବରିଷ୍ଠ ଓକିଲ ଏସ. ଗଣପତି, ସମ୍ପାଦକ ମାଲା ଲକ୍ଷ୍ମଣ ମୂର୍ତ୍ତି, ଉପସଭାପତି ଲାଡ଼ି ସୁରେଶ, ସହସମ୍ପାଦକ ସୁମନ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

### ପୁରୀରେ ଖବରଦାତାଙ୍କୁ ଆକ୍ରମଣ ଘଟଣା

ରାୟଗଡ଼ା, ୨୨।୬(ଆଶିଷ ରଞ୍ଜନ ପଣ୍ଡା)

ପୁରୀରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଆକ୍ରମଣ ଘଟଣାକୁ ରାୟଗଡ଼ା ଜିଲାର ସାମ୍ବାଦିକ ସଂଘ ପକ୍ଷରୁ ନିନ୍ଦା କରାଯାଇଛି। ଆକ୍ରମଣ କରିଥିବା ସେବାୟତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଜିଲା ମିଡିଆ କେୟାର ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଏସ୍‌ପି ବିଷ୍ଣୁ ପ୍ରସାଦ ପାତ୍ରଙ୍କୁ ପ୍ରଦାନ କରାଯାଇଛି। ୨ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧି ରଥଯାତ୍ରା ଖବର ପ୍ରସାରଣ ଦାୟିତ୍ୱ ତୁଲାଇବା ସମୟରେ ଆକ୍ରମଣକୁ ନିନ୍ଦା କରାଯାଇଛି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ମିଡିଆ କେୟାର ପକ୍ଷରୁ ଦାବି କରାଯାଇଛି। ଯଦି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ତେବେ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି କୁହାଯାଇଛି। ଖବରଦାତାଙ୍କ ସୁରକ୍ଷା ପାଇଁ ବ୍ୟବସ୍ଥା କରିବାକୁ ମିଡିଆ କେୟାର ପକ୍ଷରୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ମିଡିଆ କେୟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ରଥ, ସଂଗ୍ରାମ ପଟ୍ଟନାୟକ, ଗୋପରଞ୍ଜନ ବକ୍ସିପାତ୍ର, ଦୟାନନ୍ଦ ଖାଡଙ୍ଗା, ବିଜୟ ଦାସ, ଶ୍ରୀନିବାସ ବଳିଆରସିଂ ପ୍ରମୁଖ ଉପସ୍ଥିତ ଥିଲେ।



ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପାତ୍ର ଖବରଦାତାଙ୍କଠାରୁ ଦାବିପତ୍ର ଗ୍ରହଣ କରୁଛନ୍ତି।

# ପୁନରୁଦ୍ଧାର ହେବ ପୁରାତନ ଧାର୍ମିକପୀଠ, ଦର୍ଶନୀୟ ସ୍ଥାନ

- ୧୫୫ ପ୍ରକଳ୍ପ ପାଇଁ ୧୪.୮୧ କୋଟି ମଞ୍ଜୁର
- କାଶୀପୁର ବ୍ଲକ୍‌କୁ ସର୍ବାଧିକ ୩.୧୦କୋଟି
- ଚନ୍ଦ୍ରପୁରକୁ ସର୍ବନିମ୍ନ ୧୫ ଲକ୍ଷ ଟଙ୍କା

ରାୟଗଡ଼ା, ୨୨।୬(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାର ୧୫୫ଟି ଦର୍ଶନୀୟ ସ୍ଥାନ ଓ ଧର୍ମାନୁଷ୍ଠାନର ବିକାଶ ଓ ପୁନରୁଦ୍ଧାର ପାଇଁ ରାଜ୍ୟ ସରକାରଙ୍କ କ୍ୟାବିନେଟ ବୈଠକରେ ଅନୁମୋଦିତ ହୋଇଛି। ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା ଅଧୀନରେ ଜିଲାର ବିକାଶ ପାଇଁ ୧୪.୮୧କୋଟି ଟଙ୍କା ମଞ୍ଜୁର ହୋଇଛି। ଏ ନେଇ ରାଜ୍ୟ ଯୋଜନା ଓ ସମନ୍ୱୟ ବିଭାଗ ପକ୍ଷରୁ ବିଧିବଦ୍ଧ ଘୋଷଣା ହୋଇଛି। ଜିଲା ପରିଷଦ ଜରିଆରେ ଏହି ଅନୁଦାନ ଖର୍ଚ୍ଚ ହେବ ଏବଂ ଉକ୍ତ ମଞ୍ଜୁରୀ ଟଙ୍କା ରାୟଗଡ଼ା କୋଷାଗାରକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି।

ମଞ୍ଜୁରୀ ହୋଇଥିବା ୧୫୫ ପ୍ରକଳ୍ପ ମଧ୍ୟରୁ କାଶୀପୁର ଜଗନ୍ନାଥ ମନ୍ଦିର ପାଇଁ ୨୦ ଲକ୍ଷ, ଟିକିରି ଜଗନ୍ନାଥ ମନ୍ଦିର ପାଇଁ ୧୦ ଲକ୍ଷ, ବିଷମକଟକ ବ୍ଲକ୍ ଚାଟିକଣା ସ୍ଥିତ ପାତାଳେଶ୍ୱର ମନ୍ଦିର କଲ୍ୟାଣ ମଣ୍ଡପ ପାଇଁ ୧୫ଲକ୍ଷ, ବିଷମକଟକ ଜଗନ୍ନାଥ ମନ୍ଦିରକୁ ୧୨ ଲକ୍ଷ ଓ ଦୁର୍ଗୀ ଜଗନ୍ନାଥ ମନ୍ଦିରକୁ ୧୫ ଲକ୍ଷ ଟଙ୍କା ଅନୁମୋଦନ ମିଳିଛି। ସେହିଭଳି ରାୟଗଡ଼ା ସହରର ବାଲୁଙ୍କେଶ୍ୱର ଶୈବପୀଠ ଉନ୍ନତୀକରଣ ପାଇଁ ୨୦ ଲକ୍ଷ, କଲ୍ୟାଣସିଂହପୁର ଜଗନ୍ନାଥ ମନ୍ଦିର ପାଇଁ ୧୫ ଲକ୍ଷ, ପଦ୍ମପୁରସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର ପାଇଁ ୧୦ ଲକ୍ଷ ଓ ମଲିକେଶ୍ୱର ମନ୍ଦିର ପାଇଁ ୧୦ଲକ୍ଷ, ମୁନିଗୁଡ଼ା ବ୍ଲକ ଅମଲାଭଟାଠାରେ କଲ୍ୟାଣ ମଣ୍ଡପ ପାଇଁ ୨୦ ଲକ୍ଷ ଟଙ୍କା ଅନୁଦାନ ମିଳିଛି। ସେହିପରି ରାୟଗଡ଼ା ଜିଲାର ୧୧ଟି ବ୍ଲକ ମଧ୍ୟରୁ ବିଭିନ୍ନ ପ୍ରକଳ୍ପ ନିମନ୍ତେ କାଶୀପୁର ବ୍ଲକ ପାଇଁ ସର୍ବାଧିକ ୩.୧୫ କୋଟି, ରାୟଗଡ଼ା ବ୍ଲକ ପାଇଁ ୧.୫୫ କୋଟି, କୋଲନରା ବ୍ଲକ ପାଇଁ ୭୫ଲକ୍ଷ, କଲ୍ୟାଣସିଂହପୁର ବ୍ଲକ ପାଇଁ ୬୭ ଲକ୍ଷ, ବିଷମକଟକ ପାଇଁ ୧.୫୯ କୋଟି, ମୁନିଗୁଡ଼ା ପାଇଁ ୨ କୋଟି, ଚନ୍ଦ୍ରପୁର ବ୍ଲକ ପାଇଁ ୧୫ ଲକ୍ଷ, ରାମନାଗୁଡ଼ା ବ୍ଲକ ପାଇଁ ୭୦ ଲକ୍ଷ, ଗୁଣପୁର ବ୍ଲକ ପାଇଁ ୨.୦୫କୋଟି, ଗୁଡ଼ାରି ବ୍ଲକ ପାଇଁ ୯୦ ଲକ୍ଷ ଏବଂ ଗୁଡ଼ାରି ଏନ୍‌ଏସି ପାଇଁ ୩୦ ଲକ୍ଷ ଏବଂ ପଦ୍ମପୁର ବ୍ଲକ ପାଇଁ ୯୫ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁରୀ ମିଳିଛି। ଖୁବ୍‌ଶୀଘ୍ର ଏହି ପ୍ରକଳ୍ପଗୁଡିକ ନିର୍ମାଣ ଆରମ୍ଭ ହେବ ବୋଲି ସୂଚନା ମିଳିଛି।

ପ୍ରକାଶଥାଉକି, ଗତ ୭ ଓ ୮ରେ ୫-ଟିସଚିବ ଭି. କେ. ପାଣ୍ଡିଆନ ରାୟଗଡ଼ା ଜିଲାର ବିଭିନ୍ନ ସ୍ଥାନକୁ ପରିଦର୍ଶନରେ ଯାଇଥିଲେ। ଯେଉଁସବୁ ସ୍ଥାନକୁ ସେ ଯାଇଥିଲେ ସେଠାରେ ଲୋକଙ୍କୁ ଭେଟି ଅଭିଯୋଗ ଗ୍ରହଣ କରିଥିଲେ। ଜନସାଧାରଣଙ୍କ ଦାବି ଅନୁସାରେ ବିଭିନ୍ନ ଧାର୍ମିକସ୍ଥଳୀର ବିକାଶ ପାଇଁ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ସରକାର ଏହି ଅନୁମୋଦନ ଦେବା ପରେ ପୁରାତନ ଧାର୍ମିକ ପୀଠଗୁଡ଼ିକର ପୁନରୁଦ୍ଧାର ଆଶାରେ ଜିଲାବାସୀଙ୍କ ପକ୍ଷରୁ ମୁଖମନ୍ତ୍ରୀଙ୍କୁ ସାଧୁବାଦ ଜଣାଯାଇଛି।



ରାୟଗଡ଼ା ଶ୍ରଦ୍ଧା ଶ୍ରୀକ୍ଷେତ୍ରରେ ଗୁରୁବାର କୂର୍ମ ଅବତାରରେ ଝଲସୁଛନ୍ତି ତିନି ଠାକୁର(ଆଶିଷ ରଞ୍ଜନ ପଣ୍ଡା)।



ଗୁଣପୁର ସାନ ଜଗନ୍ନାଥ ମନ୍ଦିରରେ ଜଗନ୍ନାଥଙ୍କ କଚ୍ଛପ ଓ ବଳଭଦ୍ରଙ୍କ ମତ୍ସ୍ୟ ଅବତାର ବେଶ।



ବିଷମ କଟକରେ ବରାହ ଅବତାରରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ଶ୍ରୀ ଜିଉ।

